भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

## ୨୦୨୫ ମସିହା ଫେବୃୟାରୀ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ୧) ଡାଲୁଅ ରୁଆ ଧାନ

### ତଳିଘରା ପାଇଁ

- ଯଦି ଉକୁଣିଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ନିମ୍ବ ମଞ୍ଜିରୁ ତିଆରି ଔଷଧ ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. କିମ୍ବା ଲାମଡା ସାଇହାଲୋଥ୍ରିନ୍ ୫% ଇ.ସି. ୨୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ସିଂଚନ କରନ୍ତୁ ।
- ଧାନ ତଳିରେ ପତ୍ରପୋଡା ରୋଗ ଦେଖାଗଲେ ଏକର ପ୍ରତି କାର୍ବେଣ୍ଡାଜିମ୍ ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ମୁଖ୍ୟ ଜମିରେ ତଳି ରୁଆ ବାକିଥିଲେ

- ରୁଆ ବାକିଥିବା ଡାଲୁଅ ଜମିରେ ରୋପଣ କାର୍ଯ୍ୟ ଶେଷ କରିଦିଅନ୍ତୁ ।
- ଧାନ ତଳିକୁ ବୁଦା ପ୍ରତି ୩ ରୁ ୪ ଟି ହିସାବରେ ୧୫ X ୧୫ ସେ.ମି. ବ୍ୟବଧାନରେ ୩ ରୁ ୫ ସପ୍ତାହ ତଳିକୁ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋଇବା ଉଚିତ୍ ।
- (ଡି.ଏ.ପି. ୪୪ କି.ଗ୍ରା. + ଏମ.ଓ.ପି. ୨୨ କି.ଗ୍ରା.) କିମ୍ବା (ୟୁରିଆ ୨୨ କି.ଗ୍ରା.+ଏସ୍.ଏସ୍.ପି. ୧୨୫ କି.ଗ୍ରା. + ଏମ୍.ଓ.ପି. ୨୨ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ବ୍ୟବହାର କରନ୍ତୁ ।

### ଏବେ ଏବେ ମୁଖ୍ୟ ଜମିରେ ତଳିରୁଆ ଯାଇଥିଲେ

- ରୁଆ ଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍ସଲଫ୍ୟୁରାନ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର / ଇରେଜ୍ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହାସହିତ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଧାନ ରୋଇବାର ୩ ରୁ ୫ ଦିନ ପରେ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ ନତୁବା ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ଧାନ ରୋଇବାର ୧୦ ରୁ ୧୫ ଦିନ ପରେ ଅର୍ଥାତ୍ ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ସିଂଚନ କରନ୍ତୁ ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଗୋଟି ଯୌନ ସମେଦନଶୀଳ ଯନ୍ତା (ଫେରୋମନ୍ ଟ୍ରାପ୍) ରଖନ୍ତୁ । ଯେତେବେଳେ ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ପୁରୁଷ ପ୍ରଜାପତି ପଡିବେ, ତେବେ

ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ❖ ଯଦି ବକାନି ରୋଗ ଦେଖାଯାଏ ତେବେ ୧ ଲିଟର ପାଣିରେ ୧ ଗ୍ରା. କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ମିଶାଇ ସିଂଚନ କରନ୍ତୁଏବଂ ୭ ରୁ ୧୦ ଦିନ ବ୍ୟବଧାନରେ ଦ୍ୱିତୀୟବାର ପ୍ରୟୋଗ କରନ୍ତୁ ।

**ମୂଖ୍ୟ ଜମିରେ ତଳି ଚେର ଧରି ମଜବୁତ ହୋଇ ସାରିଥିଲେ**

- ❖ ସକ୍ରିୟ ପିଲ ଅବସ୍ଥାରେ (ତଳିରୁଆର ୨୦ ରୁ ୨୫ ଦିନ ପରେ) ଏକର ପ୍ରତି ୩୫କି.ଗ୍ରା. ୟୁରିଆ ପ୍ରଥମ ଶୀର୍ଷସାର ଭାବରେ ପ୍ରୟୋଗ କରନ୍ତୁ ।
- ❖ ଚାଷୀ ଯଦି ପୂର୍ବରୁ କୌଣସି ଘାସ ନିୟନ୍ତ୍ରଣ ଔଷଧ ବ୍ୟବହାର କରି ନାହାନ୍ତି ତେବେ ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫୋପ୍-ବ୍ୟୁଟାଇଲ୍ ୫.୧%( ଭିଭାୟା) ୮୦୦ ମି.ଲି. ପ୍ରତି ଏକର ହିସାବରେ ୧୫ ରୁ ୨୦ ଦିନ ପରେ ସିଂଚନ କରନ୍ତୁ କିମ୍ବା ୨୦ ରୁ ୨୫ ଦିନ ପରେ ହାତରେ ଘାସବାଛି ଦିଅନ୍ତୁ ।
- ❖ କାଣ୍ଡବିନ୍ଧାପୋକର ନିରୀକ୍ଷଣ ଜାରି ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ରା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ ।

**୨. କାଦୁଅ ବୁଣା ଡାଲୁଅ ଧାନ**

- ❖ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୫ ରୁ ୧୦ ଦିନ ପରେ ବେନ୍ସଲଫ୍ୟୁରାନ୍-ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର/ଇରେଜଷ୍ଟ୍ରଙ୍ଗ) ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ ଅର୍ଥାତ୍ ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. କିମ୍ବା ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ଏକର ପ୍ରତି ୮୦୦ ମି.ଲି. ପେନୋକ୍ସୁଲମ୍ ୧.୦୨%+ ସାଇହାଲୋଫପ୍ – ବ୍ୟୁଟାଇଲ ୫.୧% ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଧାନ ବୁଣାର ୨୦ ରୁ ୨୫ ଦିନ ପରେ ପିଲ ବାହାରିବା ସମୟରେ ଶୀର୍ଷସାର ହିସାବରେଏକର ପ୍ରତି ୨୪ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।
- ❖ କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତ୍ରା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ରା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫%କୁ ୮୦୦ ମି.ଲି. କିମ୍ବା ଏକର

ପିଛା କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

❖ ଯଦି ମହିଷାରୋଗ ଦେଖାଯାଏ ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*****